## ସଂକ୍ଷେପରେ

### ୩ ଦେଶୀ ବନ୍ଧୁକ ଜବତ



**ଗଁଦିଆ, ୬।୧୦:** ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅନ୍ତର୍ଗତ ଟାଙ୍ଗର ଗ୍ରାମ (ମହାପଦା)ର ପ୍ରସନ୍ନ ନାଥଙ୍କ ଘରୁ ପୋଲିସ ଗତ ମଙ୍ଗଳବାର ୩ ଦେଶୀ ବନ୍ଧୁକ ଏବଂ ୪୬ ଅଫୁଟା ଗୁଳି ଜବତ କରିଛି। ଘରେ ବେଆଇନ ଅସ୍ତ୍ରଶସ୍ତ୍ର ରଖିଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ନଂ. ୨୪୯/୨୧ରେ ଏକ ମାମଲା ରୁଜୁ କରାଯାଇଛି। ଗ୍ରାମରେ ଦେଶୀ ବନ୍ଧୁକ କାରବାର ଚାଲିଥିବା ସୂଚନା ପାଇବା ପରେ ଥାନାଧିକାରୀ ବିଷ୍ଣୁ ଚରଣ ବାରିକଙ୍କ ନେତୃତ୍ୱରେ ଫାଣ୍ଡିର ଭାରପ୍ରାପ୍ତ ଅଧିକାରୀ ପଙ୍କଜ କୁମାର ମାଝି ସଦଳବଳ ଚଢ଼ାଉ କରିଥିଲେ।

### ୫୭ ଶିକ୍ଷକଙ୍କ ପଦୋନ୍ନତି

**ଢେଙ୍କାନାଳ ଅଫିସ, ୬।୧୦:** ଢେଙ୍କାନାଳ ଜର୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ସଦର ବ୍ଲକ ଶିକ୍ଷୟିତ୍ରୀଶିକ୍ଷକଙ୍କ ପଦୋନ୍ନତି ସଂକ୍ରାନ୍ତ ଏକ କାଉନ୍ସେଲିଂ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୋଟ ୫୭ଜଣଙ୍କୁ ପଦୋନ୍ନତି ମିଳିଛି। ସେମାନଙ୍କୁ ବିଭିନ୍ନ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ପ୍ରଧାନ ଶିକ୍ଷକ ଭାବେ ଜଣେ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲେବୁଲ୍-୩ ପ୍ରଧାନ ଶିକ୍ଷକଭାବେ ୨ ଜଣ, ଗ୍ରାଜୁଏଟ୍ ବିଜ୍ଞାନ ଶିକ୍ଷକ ଭାବେ ୨ ଜଣ, ଗ୍ରାଜୁଏଟ୍ କଳା ଶିକ୍ଷକ ଭାବେ ୩୩ ଜଣ ଏବଂ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ୧୯ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଛି। ବିଇଓ ଅଭିମନ୍ୟୁ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦର ଏବିଇଓ ଅଦ୍ୱୈତ କୁମାର ସାମଲ, ଭଗବାନ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜିନୀ କର ପ୍ରମୁଖ ସହଯୋଗ କରିଥିଲେ।

### ପ୍ରାଣୀଧନ ନିରୀକ୍ଷକଙ୍କ କଳାବ୍ୟାଜ୍ ପରିଧାନ

**ଢେଙ୍କାନାଳ ଅଫିସ, ୬।୧୦:** ରାଜ୍ୟ କେନ୍ଦ୍ରୀୟ କମିଟିର ଆହ୍ୱାନରେ ଢେଙ୍କାନାଳ ଜିଲାର ପ୍ରାଣୀଧନ ନିରୀକ୍ଷକ ଏବଂ ଏହି କ୍ୟାଡରର ସମସ୍ତ କର୍ମଚାରୀ ୫ଦଫା ଦାବିରେ ୫ ତାରିଖଠାରୁ କଳାବ୍ୟାଜ୍ ପରିଧାନ କରିଛନ୍ତି। ପ୍ରମୁଖ ଦାବି ମଧ୍ୟରେ କରୋନା ଯୋଦ୍ଧା ମାନ୍ୟତା, କ୍ୟାଡର ପୁନର୍ଗଠନ, ପ୍ରାଣୀଧନ ନିରୀକ୍ଷକଙ୍କୁ ଡିପ୍ଲୋମା ମାନ୍ୟତା, ଠିକା ନିଯୁକ୍ତିର ୬ ବର୍ଷକୁ ଚାକିରି ସମୟ ପର୍ଯ୍ୟାୟଭୁକ୍ତ ଆଦି ରହିଛି। ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରୁ ନ ଥିବାରୁ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଢେଙ୍କାନାଳ ଶାଖା ସଭାପତି ପ୍ରଭାତ କୁମାର ପଟ୍ଟନାୟକ, ସମ୍ପାଦକ ଜ୍ୟୋତିରଞ୍ଜନ ବରାଳଙ୍କ ନେତୃତ୍ୱରେ କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଉପାୟରେ ଆନ୍ଦୋଳନ ଜାରି ରଖିଛନ୍ତି।

### ଚୋରି ସାମଗ୍ରୀ ଜବତ, ୩ ଗିରଫ



**ଗଁଦିଆ, ୬।୧୦:** ଗଁଦିଆ ଥାନା ବରଦା ହାଇସ୍କୁଲରୁ ଗତ ଫେବୃଆରୀ ୩ରେ ଚୋରି ହୋଇଥିବା ବହୁ ମୂଲ୍ୟବାନ ସାମଗ୍ରୀକୁ ପୋଲିସ ଜବତ କରିଛି। ଏହି ଘଟଣାରେ କୁସିଦା ଗ୍ରାମର ପ୍ରବୀଣ କୁମାର ସାହୁ, ସୁବାସ ବାରିକ ଏବଂ ସୌମେନ୍ଦ୍ର ବାରିକ ଗିରଫ ହୋଇଛନ୍ତି। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ବିଷ୍ଣୁ ଚରଣ ବାରିକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃଆରୀ ୩ରେ ସ୍କୁଲର ତାଲା ଭାଙ୍ଗି ଅଭିଯୁକ୍ତମାନେ ୫୫ ଇଞ୍ଚର ଏକ ଟିଭି, ଇନଭର୍ଟର, ବ୍ୟାଟେରି, ଇଲେକ୍ଟ୍ରି ବୋର୍ଡ ନେଇଯାଇଥିଲେ। ୪ ତାରିଖରେ ପ୍ରଧାନ ଶିକ୍ଷକ ମନୋଜ ବେହେରା ଗଁଦିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପ୍ରବୀଣଙ୍କ ଘରେ ଚୋରି ସାମଗ୍ରୀ ଥିବା ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା।

### ୪ କରୋନା ଆକ୍ରାନ୍ତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୬।୧୦:** ଢେଙ୍କାନାଳ ଜିଲାରୁ ବୁଧବାର ୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ାପଡ଼ା, ପରଜଙ୍ଗ, ଭୁବନ ବ୍ଲକ ଏବଂ ଢେଙ୍କାନାଳ ପୌରାଞ୍ଚଳର ଜଣେ ଲେଖାଏ ରହିଛନ୍ତି। ଏଥିସହ ୧୨ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ସକ୍ରିୟ ମାମଲା ୪୨କୁ ଖସିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବଳଦ ବିନା ବଳଦଯାତ୍ରା

- ପରମ୍ପରା ରକ୍ଷା ପାଇଁ ହେବ ପୂଜାର୍ଚ୍ଚନା
- ଅନୁକୂଳ ଯାତ୍ରାରେ ୨ ବଳଦଙ୍କୁ ଅନୁମତି
- ଭସାଣି ଶୋଭାଯାତ୍ରାରେ ସାମିଲ ହେବେନି

**ମେଲାଣି ନେଉଥିବେ ଜଗଜ୍ଜନନୀ, ଅଥଚ ସାଥିରେ ନ ଥିବେ ପରମ୍ପରାର ବାହକ ବଳଦ। ସୁସଜ୍ଜିତ ବଳଦ ବିନା ସରିବ ମା' ଦୁର୍ଗାଙ୍କ ଭସାଣି। କରୋନା କଟକଣା ପାଇଁ ଦୁଇବର୍ଷ ହେଲା ପଶୁ-ମଣିଷ ସମ୍ପର୍କର ମୂକସାକ୍ଷୀ ଭୁବନର ଐତିହାସିକ ବଳଦଯାତ୍ରା ଫିକା ପଡ଼ିଥିବାବେଳେ ଚଳିତବର୍ଷ ମଧ୍ୟ ଏହାର ପୁନରାବୃତ୍ତି ହେବାକୁ ଯାଉଛି। ଶାନ୍ତି କମିଟି ବୈଠକ ଏବଂ ପ୍ରଶାସନିକ ନିଷ୍ପତ୍ତି ପରେ କେବଳ ପରମ୍ପରା ରକ୍ଷା ଲାଗି ନିରାଡମ୍ବରରେ ପୂଜା ସମ୍ପନ୍ନ କରିବାକୁ ପ୍ରସ୍ତୁତ ହେଉଛନ୍ତି ପୂଜା ପ୍ରତିଷ୍ଠାନ।**

ବିପିନ ବିହାରୀ ସେଠୀ
**ଭୁବନ, ୬।୧୦**

ପାର୍ବଣ ଗାଇଡ୍‌ଲାଇନ୍ ପାଇଁ ଚଳିତବର୍ଷ ନିରାଡ଼ମ୍ବରରେ ପାଳନ ହେବ ଢେଙ୍କାନାଳ ଜିଲା ଭୁବନର ଐତିହ୍ୟସମ୍ପନ୍ନ ଦଶହରା ପର୍ବ ଏବଂ ବଳଦଯାତ୍ରା। ପରମ୍ପରା ରକ୍ଷା ଲାଗି କେବଳ ବଣିଆ ଏବଂ ଥୋରିଆ ସମ୍ପ୍ରଦାୟର ୨ ସୁସଜ୍ଜିତ ବଳଦ ଅନୁକୂଳ ଯାତ୍ରାରେ ସାମିଲ ହେବେ। ବିନା ବଳଦ, ବାଜାବାଣରେ ଭସାଣି ସମ୍ପନ୍ନ ହେବ ବୋଲି ପ୍ରଶାସନିକ ନିଷ୍ପତ୍ତି ହୋଇଥିବାବେଳେ ବିଗତ ଦୁଇବର୍ଷ ଭଳି ଚଳିତବର୍ଷ ମଧ୍ୟ ପ୍ରସିଦ୍ଧ ଦଶହରା ପର୍ବ ଫିକା ପଡ଼ିବ ବୋଲି ଅଞ୍ଚଳବାସୀ କହିଛନ୍ତି।

ଭାରବାହୀ ପ୍ରାଣୀ ବଳଦ ଏବଂ ମଣିଷ ମଧ୍ୟରେ ଦୀର୍ଘଦିନରୁ ରହି ଆସିଥିବା ସମ୍ପର୍କର ନିଦର୍ଶନ ହେଉଛି ବଳଦଯାତ୍ରା। କାହିଁ କେଉଁ କାଳରୁ ଭୁବନରେ ଏହା ପାଳିତ ହୋଇଆସୁଛି। ହେଲେ କରୋନା କବଳିତ ଜିଲାରେ ବଳଦଯାତ୍ରାକୁ ଲାଗିଛି ଗ୍ରହଣ। ଚଳିତବର୍ଷ ମଧ୍ୟ କଡ଼ା କଟକଣା ମଧ୍ୟରେ ପୂଜା ପାଳନ ହେବ ବୋଲି ମିଳିତ ଶାନ୍ତି କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ତଦନୁଯାୟୀ ଅଞ୍ଚଳର ୧୦ ପୂଜା ପ୍ରତିଷ୍ଠାନ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

ପ୍ରତିବର୍ଷ ବିଜୟା ଦଶମୀ (ଅନୁକୂଳ ଯାତ୍ରା) ଏବଂ ଏକାଦଶୀ (ଭସାଣି ଯାତ୍ରା) ଦୁଇଦିନ ଧରି ମହାସମାରୋହରେ ବଳଦଯାତ୍ରା ପାଳନ ହେଉଥିଲା। ଏଥିରେ ସାମିଲ ହେଉଥିଲେ ବିଭିନ୍ନ ସମ୍ପ୍ରଦାୟର ୬୦ରୁ ଊର୍ଦ୍ଧ୍ୱ ବଳଦ। ବଳଦଙ୍କୁ ମାସାଧିକ କାଳ ପ୍ରଶିକ୍ଷଣ ଦିଆଯାଉଥିଲା। ଅନୁକୂଳ ଯାତ୍ରା ଏବଂ ଭସାଣିରେ ସାମିଲ ହେଉଥିବା ସୁସଜ୍ଜିତ ବଳଦଙ୍କୁ ଦେଖିବା ଲାଗି ଲକ୍ଷାଧିକ ଲୋକଙ୍କ ସମାଗମ ହେଉଥିଲା। ହେଲେ କରୋନା ପାଇଁ ସବୁକିଛି ବଦଳି ଯାଇଛି। ଅନ୍ୟପଟେ ବର୍ଷ ବର୍ଷ ଧରି ଚାଲି ଆସିଥିବା ପରମ୍ପରା ପ୍ରଭାବିତ ହେଉଥିବାରୁ ଏହାକୁ ନେଇ ମନକଷ୍ଟ କରିଛନ୍ତି ଅଞ୍ଚଳର ବଦଳିଆ ଏବଂ ପୂଜା ପ୍ରତିଷ୍ଠାନ। କଟକଣା ମଧ୍ୟରେ ଉପନିର୍ବାଚନ ହୋଇପାରୁ ଥିବାବେଳେ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ସମସ୍ତ ବଳଦଙ୍କୁ ଯାତ୍ରାରେ ସାମିଲ କରିବା ଲାଗି ଅନୁମତି ଦେବାକୁ ସେମାନେ ଦାବି କରିଛନ୍ତି।



ଅଭ୍ୟାସ ଯାତ୍ରାରେ ସାମିଲ ହୋଇଥିବା ବଳଦକୁ ନଗର ପରିକ୍ରମା କରାଯାଉଛି।

#### ଅବମାନନା କଲେ କାର୍ଯ୍ୟାନୁଷ୍ଠାନ



"ଭୁବନ ଦଶହରା ପର୍ବ ଏବଂ ବଳଦଯାତ୍ରାରେ ପାର୍ବଣ ଗାଇଡ୍‌ଲାଇନ୍ କଡ଼ାକଡ଼ି କରାଯିବ। ନିଷ୍ପତ୍ତିର ଅବମାନନା କରାଗଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ପ୍ରଭାସ କୁମାର ବେଉରିଆ, ତହସିଲଦାର

#### ନିରାଡ଼ମ୍ବରରେ ହେବ ପୂଜାକାର୍ଯ୍ୟ



"ସରକାରୀ ଗାଇଡ୍‌ଲାଇନ୍ ପୂଜା ପ୍ରତିଷ୍ଠାନ କର୍ମକର୍ତ୍ତାଙ୍କୁ ଯଦିଓ ନିରାଶ କରିଛି, ତଥାପି କଟକଣା ଏବଂ ନିରାଡମ୍ବରରେ ପୂଜା କରିବାକୁ ସମସ୍ତେ ବାଧ୍ୟ। ଏହାକୁ ପାଳନ କରାଯିବ।

-ବାସୁଦେବ ବେହେରା, ସହର ସଙ୍ଗଠନ ସଭାପତି

#### ହେବନାହିଁ ରାବଣ ପୋଡ଼ି



"ଭୁବନର ଦଶହରା ଯାତ୍ରାର ଅନ୍ୟତମ ଆକର୍ଷଣ ରାବଣପୋଡ଼ି ଦୀର୍ଘ ୨୨ବର୍ଷ ଧରି ଏହି କାର୍ଯ୍ୟକ୍ରମ ହେଉଥିଲା। ତେବେ କରୋନା ପାଇଁ ୩ ବର୍ଷ ହେଲା ଏହା ବନ୍ଦ ରହିଛି।

-ତ୍ରିଲୋଚନ ସାହୁ, ରାବଣପୋଡ଼ି କ୍ରିୟାନୁଷ୍ଠାନ କମିଟି ମୁଖ୍ୟ

#### ଭାଇଚାରା ପ୍ରଭାବିତ ହେଉଛି



"ବଳଦଯାତ୍ରାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସାମିଲ ହୋଇଥାଆନ୍ତି। କରୋନା ପାଇଁ ଭଲ ଭାବେ ଯାତ୍ରା ହୋଇପାରୁ ନ ଥିବାରୁ ଭାଇଚାରା ପ୍ରଭାବିତ ହେଉଛି।

-ଶ୍ରୀଧର ବେହେରା, ବଳଦିଆ କମିଟି ମୁଖ୍ୟ, ସେଣସାହି

## ପଞ୍ଚପଡ଼ାରେ ୫୦ ହାତୀ



ହାତୀପଲ ଫସଲ ନଷ୍ଟ କରିଦେଇଛନ୍ତି।

**ସାତମାଇଲ, ୬।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ପଞ୍ଚପଡ଼ାରେ ହାତୀ ଉପଦ୍ରବ ଚାଷୀଙ୍କ ଚିନ୍ତା ବଢ଼ାଇଛି। ଏକ ପଲରେ ୫୦ ହାତୀ ଜନବସତିମୁହାଁ ହେବା ସହିତ ବ୍ୟାପକ ଧାନ ଚାଷ ନଷ୍ଟ କରିଦେଇଛନ୍ତି। ଧାନଗଛ ବଢ଼ି ଆସୁଥିବାବେଳେ ଏଭଳି ସମସ୍ୟା ଚାଷୀଙ୍କ ଚିନ୍ତା ବଢ଼ାଇଛି।

ପଞ୍ଚପଡ଼ା ଗ୍ରାମର ଜିତେନ ପତି, ନାରାୟଣ ପତି, ଆର୍ତ୍ତତ୍ରାଣ ପତି, ରବିନାରାୟଣ ପତି, ଦୀନେଶ ପତି, ଚିତ୍ତଳପୁର ଗ୍ରାମର ଶିଶିର ପାଳ, ପ୍ରବୋଧ ପାଳ, ଭାସ୍କର ପାଳଙ୍କ ସମେତ ଶତାଧିକ ଚାଷୀଙ୍କ ଧାନ ଜମିକୁ ହାତୀପଲ ଉଜାଡ଼ି ଦେଇଛନ୍ତି। କ୍ଷୟକ୍ଷତି ଆକଳନ କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସମ୍ପୃକ୍ତ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ବନାଞ୍ଚଳ ଅଧିକାରୀ ଲୋହିତ କୁମାର ରଥ କୁହନ୍ତି, ଗ୍ରାମାଭିମୁଖୀ ହାତୀପଲକୁ ଘଉଡ଼ାଇବା ଲାଗି ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ହାତୀ ଉପଦ୍ରୁତ ଅଞ୍ଚଳରେ ଜନସାଧାରଣ ମଧ୍ୟ ସହଯୋଗ କରିବା ଜରୁରୀ। ଅନ୍‌ଲାଇନ୍‌ରେ କ୍ଷତିପୂରଣ ଲାଗି ଆବେଦନ କଲେ ସରକାରୀ ସହାୟତା ମିଳିବ ବୋଲି ବନାଞ୍ଚଳ ଅଧିକାରୀ କହିଛନ୍ତି।

## ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଅନାବରଣ

**ଢେଙ୍କାନାଳରେ ହାଇକୋର୍ଟ ମୁଖ୍ୟ ବିଚାରପତି**

**ଢେଙ୍କାନାଳ ଅଫିସ, ୬।୧୦**

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଡ.ଏସ୍. ମୁରଲୀଧର ବୁଧବାର ମଧ୍ୟାହ୍ନରେ ଢେଙ୍କାନାଳ ଗସ୍ତରେ ଆସି ଜିଲା ସିଭିଲ କୋର୍ଟ ପରିସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି। ଏହି ଅବସରରେ ସେ ସିଭିଲ କୋର୍ଟ ପରିସରରେ ଥିବା ସିଏସ୍‌ଆଇ କାର୍ଯ୍ୟାଳୟ, ବିଭିନ୍ନ ଅଦାଲତର ପ୍ରକୋଷ୍ଠ, କୋର୍ଟ କାର୍ଯ୍ୟାଳୟ ବୁଲି ଦେଖିଥିଲେ। ଜିଲା ଦୌରାଜଜ୍ ଶରତ କୁମାର ଦେହୁରୀ ସିଭିଲ କୋର୍ଟର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟ ବିଚାରପତିଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସିଭିଲ କୋର୍ଟର ସମସ୍ତ ବିଚାରପତିଙ୍କ ସମେତ ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି କେ. ଶିବା ସୁବ୍ରମଣି, ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ସମ୍ପାଦକ ଟଙ୍କଧର ବେହେରାଙ୍କ ସମେତ ଆଇନଜୀବୀମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ହାଇକୋର୍ଟ ଚିଫ୍ ଜଷ୍ଟିସ୍ ଡ. ଏସ୍. ମୁରଲୀଧରଙ୍କ ସମେତ ଅନ୍ୟମାନେ।

## ମୁଖ୍ୟ ବିଚାରପତିଙ୍କୁ ସମସ୍ୟା ଜଣାଇଲେ

**ଅନୁଗୋଳ ଅଫିସ,୬।୧୦**

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ବୁଧବାର ଅନୁଗୋଳ ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଅନୁଗୋଳ କୋର୍ଟରେ ବିଚାରପତିଙ୍କ ସହ ବିଭିନ୍ନ ମାମଲାକୁ ନେଇ ଆଲୋଚନା କରିଥିଲେ। ଓକିଲ ସଂଘ ପକ୍ଷରୁ କୋର୍ଟରେ ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅନ୍ୟପକ୍ଷରେ ବିଭିନ୍ନ ମାମଲାର ବିଚାର ସମୟରେ ସାକ୍ଷ୍ୟ ଦେବାକୁ ଦୂରରୁ ଆସୁଥିବା ଲୋକମାନେ ବିଭିନ୍ନ ଅସୁବିଧା ପାଇଁ ଠିକଣା ସମୟରେ ପହଞ୍ଚିପାରୁ ନାହାନ୍ତି। ଏହାର ସମାଧାନ ନିମନ୍ତେ ଏକ ପାଇଲଟ ପ୍ରୋଜେକ୍ଟ କୋର୍ଟ ପକ୍ଷରୁ ନିଆଯାଇଛି। ସାକ୍ଷୀମାନେ ଜିଲା କୋର୍ଟକୁ ନ ଆସି ନିକଟସ୍ଥ ଅଦାଲତରେ ସାକ୍ଷ୍ୟ ଦେଇପାରିବେ। ଏହି ପ୍ରୋଜେକ୍ଟକୁ ନେଇ ଏକ ତାଲିମ ଶିବିର ଆୟୋଜନ ହେବାର ଥିଲା। ଦଶହରା ଛୁଟି ପରେ ଏହା କାର୍ଯ୍ୟକାରୀ ହେବ ବୋଲି ଓକିଲ ସଂଘ ସମ୍ପାଦକ ସୋମନାଥ ରାଉତ ସୂଚନା ଦେଇଛନ୍ତି।

## ସଂଗ୍ରାମୀ ପ୍ରଶାନ୍ତ ସର୍ବଦା ମନେପଡ଼ିବେ



ପ୍ରଶାନ୍ତ ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୬।୧୦**

ଢେଙ୍କାନାଳ କାଠଗଡ଼ାସ୍ଥିତ ସମତା ନଗର ଗାନ୍ଧୀ ଅଧ୍ୟୟନ ଓ ସମାଜସେବା ପ୍ରତିଷ୍ଠାନ ପରିସରରେ ସଂଗ୍ରାମୀ ପ୍ରଶାନ୍ତ କୁମାର ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ। ନିଃସ୍ୱାର୍ଥପର ସମାଜସେବା ପାଇଁ ସେ ସର୍ବଦା ମନେପଡ଼ିବେ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ କହିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ବିଶିଷ୍ଟ ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରାୟ ଦଳିତ ଆନ୍ଦୋଳନ, ପରିବେଶ ସଂରକ୍ଷଣ, ଜଙ୍ଗଲ ସୁରକ୍ଷାରେ ପ୍ରଶାନ୍ତଙ୍କ ଭୂମିକା ସମ୍ପର୍କରେ ଅଙ୍ଗେନିଭା ଅନୁଭୂତି ଉପସ୍ଥାପନ କରିଥିଲେ। ଏହି ଅବସରରେ ସେ ଗାନ୍ଧୀ ଅଧ୍ୟୟନ ଓ ସମାଜସେବା ପ୍ରତିଷ୍ଠାନ ପରିସରରେ ଗାନ୍ଧିଜୀଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ଲିଙ୍ଗରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ସମତାମୂଳକ ସମାଜ ନିର୍ମାଣ ଅପରିହାର୍ଯ୍ୟ ବୋଲି ମତ ରଖିଥିଲେ। ଅନୁଷ୍ଠାନର ସଭାପତି ଡ. ଭବାନୀ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ରେବତୀ ବେହେରା, କବି ମନୋରଞ୍ଜନ ନନ୍ଦ, ବିଶ୍ୱନାଥ ମହାପାତ୍ର, ମହମ୍ମଦ ଉସମାନ, ଦାମୋଦର ପରିଡ଼ା, ବାଣୀ ଦାସ, ମିଳିତ ଓଡ଼ିଶା ନିଶା ନିବାରଣ ସଙ୍ଗଠନର ପ୍ରତିଷ୍ଠାତା ପଦ୍ମଚରଣ ନାୟକ, ଡ. ଧନେଶ୍ୱର ସାହୁ ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଶାନ୍ତଙ୍କ ପୁତ୍ର ଅରବିନ୍ଦ, ରୁଦ୍ରମାଧବ ମହାପାତ୍ର, ପ୍ରଭାତୀ ମହାପାତ୍ର, ମନୋରଞ୍ଜନ ପଟ୍ଟନାୟକ, ଭରତ ଦାସ, ଅଖିଳ ମହାପାତ୍ର, ଗିରିଜା ନାୟକ, ଉର୍ବଶୀ ନାୟକ ପ୍ରମୁଖ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସରୋଜ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

## ଜଙ୍ଗଲରୁ ମିଳିଲା ନରକଙ୍କାଳ

**ବଡବିଲ, ୬।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ରୁଗୁଡି ଥାନା ଅନ୍ତର୍ଗତ ଗନ୍ଧଲପଦା ଗ୍ରାମ ଜଙ୍ଗଲରୁ ଏକ ନରକଙ୍କାଳକୁ ପୋଲିସ ମଙ୍ଗଳବାର ଜବତକରି ବ୍ୟବଚ୍ଛେଦ ନିମନ୍ତେ କଟକସ୍ଥିତ ଏଫ୍‌ଏମଟି (ଫରେନସିକ ମେଡିସିନ ଟକ୍ସିକୋଲୋଜି) ବିଭାଗକୁ ପଠାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮/୨୦୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ସୋମବାର ଅପରାହ୍ନରେ କିଛି ଲୋକ ଗନ୍ଧଲପଦା ଜଙ୍ଗଲରେ ଏକ ନରକଙ୍କାଳ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିଥିଲେ ହେଁ ମୃତକଙ୍କ ପରିଚୟ ମିଳିପାରି ନ ଥିଲା। ଗତ ଏକ ମାସ ତଳେ ଗୁଆଲି ଛକ ଅଞ୍ଚଳର ଜଣେ ବ୍ୟକ୍ତି ନିଖୋଜଥିବାରୁ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାରକୁ ମୃତଦେହ ଚିହ୍ନଟ ନିମନ୍ତେ ଡାକିଥିଲେ। ତେବେ ଉକ୍ତ ନରକଙ୍କାଳର ଦେହରେ ଲାଗିଥିବା ପ୍ୟାଣ୍ଟ ଓ ବେଲ୍ଟ ସହିତ ନିଖୋଜଥିବା ବ୍ୟକ୍ତିଙ୍କର ସାମଞ୍ଜସ୍ୟ ନ ଥିବା ଯୋଗୁ ତାହା ଅନ୍ୟ କାହାର ମୃତଦେହ ବୋଲି ପରିବାର ଲୋକେ କହିଥିଲେ।

## ନାଳରେ ବୁଡ଼ି ଜଣେ ନିଖୋଜ

**ଗଁଦିଆ, ୬।୧୦**

ଗଁଦିଆ ବ୍ଲକ ବାଇଁସିଆ ପଞ୍ଚାୟତ କଙ୍କାନାଳରେ ଭାସିଯାଇ ବୁଧବାର ଜଣେ ବ୍ୟକ୍ତି ନିଖୋଜ ହୋଇଯାଇଛନ୍ତି। ସେ ହେଲେ ବାଇଁସିଆ ଉପର ସାହିର ଅନ୍ତର୍ଯ୍ୟାମୀ ସାହୁ (୬୨)। ନାଳକୁ ଗାଧୋଇବାକୁ ଯାଇଥିବାବେଳେ ସେ ଭାସିଯାଇଥିଲେ। ଅପରାହ୍ନରେ ଘଟଣା ଜଣାପଡ଼ିବା ପରେ ପ୍ରଥମେ ସ୍ଥାନୀୟ ଅଗ୍ନିଶମ ବାହିନୀ କର୍ମଚାରୀ ଆସି ଖୋଜାଖୋଜି କରିଥିଲେ। ହେଲେ ଅନ୍ତର୍ଯ୍ୟାମୀଙ୍କ କୌଣସି ସନ୍ଧାନ ମିଳି ନ ଥିଲା। କଟକରୁ ଓଡ୍ରାଫ୍ ଟିମ୍ ଆସି ଖୋଜାଖୋଜି ଚଳାଇଛନ୍ତି। ଖବର ଲେଖାଯିବା ସୁଦ୍ଧା ନାଳରେ ତଲାସି ଅଭିଯାନ ଜାରି ରହିଥିଲା। ସୂଚନାଯୋଗ୍ୟ, ବାଇଁସିଆ ପଞ୍ଚାୟତବାସୀଙ୍କ ଲାଗି ମୃତ୍ୟୁର ଦ୍ୱାର ପାଲଟିଛି କଙ୍କା ନାଳ। ଗତ କିଛିଦିନ ଭିତରେ ଉକ୍ତ ନାଳରେ ବୁଡ଼ି ୩ ଜଣଙ୍କ ମୃତ୍ୟୁ ଘଟିଲାଣି। ଉକ୍ତ ନାଳ ଉପରେ ଏକ ବ୍ରିଜ୍ ନିର୍ମାଣ କରିବାକୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଧ୍ୟାନ ଦେଉ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ମୋବାଇଲ, ପର୍ସ ଲୁଟ୍

**ଅନୁଗୋଳ ଅଫିସ, ୬।୧୦**

ଅନୁଗୋଳ ସହର ଉପକଣ୍ଠରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ (ନଂ. ଓଡି୦୪ଏଲ୍-୮୧୨୭)ର ଚାଳକ ତଥା କଟକ ଜିଲା ଟାଙ୍ଗୀ ଅଞ୍ଚଳର ରମେଶ ବେହେରାଙ୍କଠାରୁ ମୋବାଇଲ ଓ ପର୍ସ ଲୁଟ୍ କରାଯାଇଥିବା ସଦର ଥାନରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ନଂ. ୬୨୯/୨୧ରେ ମାମଲା ରୁଜୁ କରି ସହରର କ୍ରିତି ରଞ୍ଜନ ସାହୁ (୨୬)ଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି।

## ନଭେମ୍ବରରେ କପିଳାସ ଫେଷ୍ଟିଭାଲ

**ଢେଙ୍କାନାଳ ଅଫିସ, ୬।୧୦**

ଢେଙ୍କାନାଳ ସାଂସ୍କୃତିକ ଅନୁଷ୍ଠାନ ମାଇକ୍ରୋମିଡିଆର ୧୯ତମ ବାର୍ଷିକ ଉତ୍ସବ, ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଉତ୍ସବ ଏବଂ ତୃତୀୟ କପିଳାସ ଫେଷ୍ଟିଭାଲ ନଭେମ୍ବର ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ୩ ବ୍ୟାପୀ ଚାଲିବ ବୋଲି ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ମହାବୀର ବଜାରସ୍ଥିତ ମମତା ମଣ୍ଡପରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି। ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରଥମ ଦିବସରେ ଗୀତ, ଚିତ୍ରାଙ୍କନ, ବକ୍ତୃତା, ଝୋଟି ଓ ହୁଳହୁଳି ପ୍ରତିଯୋଗିତା, ଦ୍ୱିତୀୟ ଦିବସରେ ରକ୍ତଦାନ ଶିବିର, ଚାରାରୋପଣ, ତୃତୀୟ ଦିନରେ କବି ସମ୍ମିଳନୀ, ପୁରସ୍କାର ବିତରଣ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ବୈଠକରେ ଅନୁଷ୍ଠାନର ଅଧ୍ୟକ୍ଷ ଅଥୟ ସାହୁ, ଗଗନ ବିହାରୀ ନନ୍ଦ, ଅରବିନ୍ଦ ସାହୁ, ସତ୍ୟସ୍ୱରୂପ ଦାସ, ଶିଶିର ଶତପଥୀ, ସୁକାନ୍ତ ମିଶ୍ର, ଦୀନେଶ ଦାସ, ଦୀପକ ପ୍ରସାଦ ପଟ୍ଟନାୟକ, ବାହାଦୁର ପାଟସାହାଣୀ, ପୁଷ୍ପଲତା ରଥ, ବିଶ୍ୱନାଥ ବେହେରା, ପରେଶ ପଟ୍ଟନାୟକ, ସୁଧାଂଶୁ ଦଳେଇ, ସୌମ୍ୟବ୍ରତ ସାହୁ, ସୁଶାନ୍ତ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଅନୁଷ୍ଠାନର ସଦସ୍ୟ ଏବଂ ଅନ୍ୟମାନେ।

## ଉପକୃତ ହେବେ ୧,୩୮୦ ମହିଳା

**ଗୃହଲକ୍ଷ୍ମୀ ସମବାୟ ଉତ୍ପାଦ କିଣିଲା ଟାଟାଷ୍ଟିଲ୍ ବିଏସ୍‌ଏଲ୍**

**ଢେଙ୍କାନାଳ ଅଫିସ, ୬।୧୦**

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ବିଏସ୍‌ଏଲ୍ କମ୍ପାନୀ 'ଗୃହଲକ୍ଷ୍ମୀ ସମବାୟ ସମିତି'ର ଉତ୍ପାଦ କିଣିଛି। ଏହାଦ୍ୱାରା କମ୍ପାନୀ ପାର୍ଶ୍ୱବର୍ତ୍ତୀ ୧୨ ଗ୍ରାମର ୧ ହଜାର ୩୮୦ରୁ ଊର୍ଦ୍ଧ୍ୱ ମହିଳା ଉପକୃତ ହେବେ। କମ୍ପାନୀର ହାଉସିଂ କଲୋନୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କର୍ପୋରେଟ ସେବା ବିଭାଗ ଉପସଭାପତି ଚାଣକ୍ୟ ଚୌଧୁରୀ ଆନୁଷ୍ଠାନିକ ଭାବେ ଏହି ବ୍ୟବସାୟିକ ସଂଯୁକ୍ତୀକରଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଟାଟାଷ୍ଟିଲ୍ ୟୁଟିଲିଟି ଆଣ୍ଡ୍ ଇନ୍‌ଫ୍ରାଷ୍ଟ୍ରକଚର ସର୍ଭିସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତରୁଣ ଡାଗା, ଟାଟାଷ୍ଟିଲ ବିଏସ୍‌ଏଲ୍ କର୍ପୋରେଟ ସେବା ମୁଖ୍ୟ ମୋହିତ ଦାସ, ଟାଟାଷ୍ଟିଲ୍ କର୍ପୋରେଟ ଯୋଗାଯୋଗ ମୁଖ୍ୟ ସର୍ବେଶ କୁମାର, ସମବାୟ ସମିତିର ୬ ପ୍ରତିନିଧିଙ୍କ ସମେତ କମ୍ପାନୀର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

ସମବାୟ ସମିତି ସଭାପତି ପ୍ରଣତୀ ନାୟକ କହିଲେ, ଉତ୍ପାଦ କ୍ରୟ କରିବାର ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ରୋଜଗାରକ୍ଷମ ହେବେ। ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ, ମାର୍ଗଦର୍ଶନ, କଞ୍ଚାମାଲ ଯୋଗାଣ ଏବଂ ବଜାର ସୁବିଧା ମିଳିପାରିବ। ଉପସଭାପତି ଚାଣକ୍ୟ ଚୌଧୁରୀ ଦୀର୍ଘମିଆଦୀ ବ୍ୟବସାୟ ଲାଗି ଯୋଜନା ପ୍ରସ୍ତୁତ କରିବା ସହ ତଦନୁଯାୟୀ କାମ କରିବାକୁ ପରାମର୍ଶ ଦେଇଥିଲେ। କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ଫିନାଇଲ୍, ହ୍ୟାଣ୍ଡୱାଶ, ଧୂପକାଠି କିଣିଛି। ଆଗାମୀ ଦିନରେ ଅନ୍ୟ ଉତ୍ପାଦ ମଧ୍ୟ କ୍ରୟ କରାଯିବ। ଏଥିଲାଗି ସମିତିକୁ ନିରନ୍ତର ସହାୟତା ଯୋଗାଇ ଦିଆଯିବ। ମହିଳା ସଶକ୍ତୀକରଣକୁ ପ୍ରକଳ୍ପର ଅଂଶ ଭାବେ ଏହି ସମବାୟ ସମିତିକୁ ବିକଶିତ କରାଯାଇଛି। ଏହାଦ୍ୱାରା ଜୀବିକାକୁ ନିରନ୍ତର ପ୍ରୋତ୍ସାହନ ମିଳିବ। ମାଇକ୍ରୋ ଉଦ୍ୟୋଗ ସୃଷ୍ଟି ଦ୍ୱାରା ଜୀବନଶୈଳୀର ମାନକୁ ବୃଦ୍ଧି କରାଯାଇପାରିବ ବୋଲି ସେ କହିଥିଲେ। କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ବିଭାଗ କାର୍ଯ୍ୟନିର୍ବାହୀ ଦିବ୍ୟହାସ ରାୟ, ବରିଷ୍ଠ ପ୍ରାବନ୍ଧିକା ରେଣୁକା ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ସିଏସ୍‌ଆର୍ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଗ୍ରାମର ମହିଳାଙ୍କୁ ନେଇ ୨୦୨୦ ମାର୍ଚ୍ଚରେ 'ଗୃହଲକ୍ଷ୍ମୀ ସମବାୟ ସମିତି' ଗଠିତ ହୋଇଛି। ନୂଆଗାଁ, ଶିବପୁର ଏବଂ କୁସୁପଙ୍ଗି ପଞ୍ଚାୟତର କମ୍ପାନୀ ପାର୍ଶ୍ୱବର୍ତ୍ତୀ ୧୨ ଗ୍ରାମର ୧ ହଜାର ୩୮୦ରୁ ଊର୍ଦ୍ଧ୍ୱ ମହିଳା ସଦସ୍ୟ ଏଥିରେ ଯୋଡ଼ି ହୋଇଛନ୍ତି। ୩୨୬ ମହିଳା ଧୂପକାଠି, ଫିନାଇଲ ତିଆରି, ତେଜରାତି ଦୋକାନ, ଛତୁଚାଷ, କୁକୁଡ଼ା ଚାଷ, ଗୋପାଳନ, ମତ୍ସ୍ୟ ଚାଷ, ଛେଳି ପାଳନ, ପରିବା ଦୋକାନ କରି ରୋଜଗାରକ୍ଷମ ହୋଇପାରିଛନ୍ତି।



ଗୃହଲକ୍ଷ୍ମୀ ସମବାୟ ପକ୍ଷରୁ ପ୍ରସ୍ତୁତ ସାମଗ୍ରୀ କ୍ରୟ ଅବସରରେ କମ୍ପାନୀର ଅଧିକାରୀମାନେ।

## ଶୋଭାଯାତ୍ରାରେ ହାତୀ ସୁରକ୍ଷା ବାର୍ତ୍ତା

**ଢେଙ୍କାନାଳ ଅଫିସ, ୬।୧୦**

ଜଙ୍ଗଲ ସୁରକ୍ଷା ଏବଂ ପରିବେଶ ସନ୍ତୁଳନରେ ବନ୍ୟପ୍ରାଣୀଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣ ଆମ ସମସ୍ତଙ୍କ କର୍ତ୍ତବ୍ୟ। ଢେଙ୍କାନାଳରେ ଅବସ୍ଥାପିତ ୧୨ ଓଡ଼ିଶା ଏନ୍‌ସିସି ବାଟାଲିୟନ ପକ୍ଷରୁ ଏନ୍‌ଏସି କ୍ୟାଡେଟ୍‌ଙ୍କୁ ନେଇ ଆୟୋଜିତ ହାତୀ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। ଶତାଧିକ ଏନ୍‌ଏସି କ୍ୟାଡେଟ୍ ଶୋଭାଯାତ୍ରାରେ ଅଂଶଗ୍ରହଣ କରି ହାତୀଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ଲାଗି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ମହିଷାପାଟଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ମେଘା ପର୍ବତ ଦେଇ ବୋରାପଦା ଗଜଲକ୍ଷ୍ମୀ ପ୍ରାସାଦରେ ପହଞ୍ଚିଥିଲା। ଲ୍ୟୁଟନାଣ୍ଟ କର୍ନେଲ ସିଦ୍ଧାର୍ଥ ଭଗ୍ୱାନ, ସୁବେଦାର ମେଜର ନିଶାର ଅହମ୍ମଦ ଭଟ୍ଟ, ସୋମଦତ୍ତ ଏବଂ ଭୂପେନ୍ଦର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

ଖମାର,୬।୧୦(ଡି.ଏନ.ଏ.)- ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଖେମଲା ଜାତୀୟ ରାଜପଥରେ ବୁଧବାର ଦୁର୍ଘଟଣାରେ କରଡାପାଳ ପଞ୍ଚାୟତ ଦାମୋଦରପୁର ଗ୍ରାମର ବୁଧୁରାମ ସାଏ (୨୩)ଙ୍କ ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ମୃତକଙ୍କ ଭାଇ ଛବି ସାଏଙ୍କ ଅଭିଯୋଗ ଅନୁଯାୟୀ, ବୁଧୁରାମ ଜେସିବିରେ କାମ କରିବାକୁ ଭୁବନ ଅଭିମୁଖେ ଯାଉଥିଲେ। ଏହି ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ପୋଲିସ ମୃତଦେହ ଜବତ କରିଥିବା ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରକାଶ କରିଛନ୍ତି।

### ଅବକାରୀ ଚଢ଼ାଉ, ୨ ଗିରଫ

ବଇଣ୍ଡା,୬।୧୦(ଡି.ଏନ.ଏ.)- ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ବୁଧବାର କିଶୋରନଗର ଥାନା ଖଉଦର ଗ୍ରାମରେ ଚଢ଼ାଉ କରାଯାଇ ରତନ ରଣାଙ୍କ ଘରୁ ୩୦ ଲିଟର ଓ ବିମ୍ବାଧର ମୁଣ୍ଡାଙ୍କ ଘରୁ ୨୫ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ସେମାନଙ୍କୁ ଗିରଫ କରାଯାଇଛି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନା, ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି ପ୍ରମୁଖ ଚଢ଼ାଉ କରିଥିଲେ।

### ଗ୍ରାମ ବିକାଶ ଉପରେ ଆଲୋଚନା

ବଇଣ୍ଡା,୬।୧୦(ଡି.ଏନ.ଏ.)- କିଶୋରନଗର ବ୍ଲକ ଧଡରପାଳ ଗ୍ରାମର ବିକାଶ ସଂକ୍ରାନ୍ତ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବିଜେଡି ନେତା କାଳିନ୍ଦୀ ଚରଣ ପ୍ରଧାନ ସଭାପତିତ୍ୱ କରିଥିଲେ। ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, କୁମୁଦ ଚନ୍ଦ୍ର ସାହୁ, ଜିଲା ଯୁବ ବିଜେଡି ଉପସଭାପତି ଜିତେନ୍ଦ୍ର କୁମାର ସାହୁ, ସଦାଶିବ ନାୟକ, ଜେନାମଣି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ସ୍କୁଲ ରୂପାନ୍ତରୀକରଣକୁ ନେଇ ଉତ୍ସାହ

ବଆଁରପାଳ,୬।୧୦(ଡି.ଏନ.ଏ.)- ବଆଁରପାଳ ବ୍ଲକ ଗୋତମରା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟକୁ ନେଇ ଗ୍ରାମ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ମଧରେ ଉତ୍ସାହ ଦେଖାଦେଇଛି। ଏ ନେଇ ଏକ ସଭାର ଆୟୋଜନ କରାଯାଇଥିଲା। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ନିଜ ଗ୍ରାମର ଏହି ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିଥିବାରୁ ଏଥିପାଇଁ ତାଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ କୁସୁମାଞ୍ଜଳି ଜେନା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ କୁମୁଦ ବିହାରୀ ସିଂହ, ସରପଞ୍ଚ ଆଭା ପଣ୍ଡା, ସତ୍ୟବାନ ବରାହ, ପୁରନ୍ଦର ବିଶ୍ୱାଳ, ପୀତାମ୍ବର ସାହୁ, ଦୟାନିଧି ବିଶ୍ୱାଳ, ଦୁଷ୍ମନ୍ତ ବିଶ୍ୱାଳ, ସୁବାସ ପଟ୍ଟନାୟକ, ଅରୁଣାଭ ସିଂହ, ଉପେନ୍ଦ୍ର ସାମଲ, ରବିନାରାୟଣ ବେହେରା, ଜଗବନ୍ଧୁ ବିଶ୍ୱାଳ ଉପସ୍ଥିତ ଥିଲେ।

### ସାମାଜିକ ସେବା କାର୍ଯ୍ୟକ୍ରମ

ଛେଣ୍ଡିପଦା,୬।୧୦(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ପାତ୍ରପଡ଼ା ପଞ୍ଚାୟତ ଗଡ଼ମଣ୍ଡଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ମଙ୍ଗଳବାର ସାମାଜିକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ନେତା ଆଶିଷ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଦୀନେଶ ପ୍ରଧାନ, ଉପସଭାପତି ସତ୍ୟବ୍ରତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ବଗିଚା ଓ ଚତୁଃପାର୍ଶ୍ୱ ସଫେଇ କରାଯାଇଥିଲା। ପୀତବାସ ସାହୁ, ଲୁଲୁ ସାହୁ, ବିମଳ ବେହେରା, ସୁବର୍ଣ୍ଣ ସେଠୀ, ଉମାକାନ୍ତ ଦେହୁରୀଙ୍କ ସମେତ ବହୁ ଯୁବକର୍ମୀ ଯୋଗ ଦେଇଥିଲେ।

### ଜୈବ ବିବିଧତାର ସୁରକ୍ଷାକୁ ଗୁରୁତ୍ୱ

ଛେଣ୍ଡିପଦା,୬।୧୦(ସ୍ୱ.ପ୍ର.)- ଛେଣ୍ଡିପଦା ବନାଞ୍ଚଳ କଂସନାଳୀ ବନସୁରକ୍ଷା ସମିତି ସଭାଗୃହଠାରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହେଉଛି। ଏଥିରେ କୋଶଳା ବନପାଳ ବିଭାଗ ଅଧୀନରେ ଥିବା ସମସ୍ତ ବନସୁରକ୍ଷା ସମିତି କର୍ମକର୍ତ୍ତା ଯୋଗ ଦେଇଥିଲେ। ସମିତି ସଭାପତି ଅଶୋକ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଦୀପ କୁମାର ସାହୁ, ପରିବେଶବିତ୍ ଦିଲୀପ କୁମାର ସାହୁ, ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ରାଉଳ, କୁଞ୍ଜବିହାରୀ ସାହୁ, ବନପାଳ ଦୀପକ କୁମାର ସେଠୀ ଯୋଗ ଦେଇଥିଲେ।

# ଯାତନା ଭୋଗୁଛନ୍ତି ଯାତ୍ରୀ

- ବଇଣ୍ଡା ଷ୍ଟେଶନରେ ରହୁନି ୮ ଏକ୍ସପ୍ରେସ୍ ଟ୍ରେନ୍
- ରାଜ୍ୟ ବାହାରକୁ ଯିବାରେ ହେଉଛି ଅସୁବିଧା
- ରେଳବାଇର ଅବହେଳା ନେଇ ଅସନ୍ତୋଷ




**ପରିକ୍ଷିତ ସାହୁ**
**ବଇଣ୍ଡା,୬।୧୦**

କରୋନାକୁ ଆଳ କରି ଯାତ୍ରୀ ପରିବହନରେ ଅବହେଳା କରୁଛି ରେଳବାଇ। ପୂର୍ବାପେକ୍ଷା କମ୍ ଟ୍ରେନ୍ ଚଳାଯାଉଥିବା ବେଳେ ଅନେକର ରହଣିସ୍ଥଳରେ ପରିବର୍ତ୍ତନ କରାଯାଇଛି। ଫଳରେ ରାଜ୍ୟ ବାହାରକୁ ଯାତାୟାତ ପାଇଁ ବଡ଼ ଯାତନା ଭୋଗୁଛନ୍ତି ଅନୁଗୋଳ ଜିଲା ବଇଣ୍ଡା ଷ୍ଟେଶନ ଉପରେ ନିର୍ଭରଶୀଳ ରେଳ ଯାତ୍ରୀ। ଏହି ଷ୍ଟେଶନ ଦେଇ ବର୍ତ୍ତମାନ ୧୧ଟି ଏକ୍ସପ୍ରେସ୍ ଚଳାଚଳ କରୁଥିଲେ ହେଁ ମାତ୍ର ୩ଟି ଅଟକୁଛି। ଏହାକୁ ନେଇ ଆଠମଲ୍ଲିକ ଉପଖଣ୍ଡ ସହ ଛେଣ୍ଡିପଦା ବ୍ଲକ ଅଞ୍ଚଳର ୫୦ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବଇଣ୍ଡା ଷ୍ଟେଶନ ଦେଇ ଭୁବନେଶ୍ୱର-ବଲାଙ୍ଗୀର, ରାଉରକେଲା-ଭୁବନେଶ୍ୱର, ବିଶାଖାପାଟଣା-ଅମୃତସର, ପୁରୀ-ହାଟିଆ, ଦୁର୍ଗ-ପୁରୀ, ଭୁବନେଶ୍ୱର-ଲୋକମାନ୍ୟତିଲକ, ପୁରୀ-ଲୋକମାନ୍ୟତିଲକ, ଭୁବନେଶ୍ୱର-ଆନନ୍ଦବିହାର, ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ, ବିକାନିର-ପୁରୀ, ପୁରୀ-ଯୋଧପୁର, ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଯାତାୟାତ କରିଥାଏ। ଏବେ କେବଳ ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ଛାଡ଼ିଦେଲେ ଅନ୍ୟ ୧୧ଟି ଏକ୍ସପ୍ରେସ ବଇଣ୍ଡା ଦେଇ ଚଳାଚଳ କରୁଛି। କିନ୍ତୁ ଭୁବନେଶ୍ୱର-ବଲାଙ୍ଗୀର, ରାଉରକେଲା-ଭୁବନେଶ୍ୱର, ପୁରୀ-ହାଟିଆ ଏକ୍ସପ୍ରେସ ଟ୍ରେନ୍ ବଇଣ୍ଡା ଠାରେ ରହୁଥିବାବେଳେ ଅନ୍ୟ ୮ଟି ଟ୍ରେନ ରହଣି କରୁନାହିଁ। ଏଥିଯୋଗୁ କିଶୋରନଗର, ଆଠମଲ୍ଲିକ ଓ ଛେଣ୍ଡିପଦା ବ୍ଲକର ରେଳ ଉପରେ ନିର୍ଭର କରୁଥିବା ଯାତ୍ରୀମାନେ ହଇରାଣ ହେଉଛନ୍ତି। ଅନେକ ସମୟରେ ବାହାର ରାଜ୍ୟକୁ ଯିବାଆସିବା କରୁଥିବା ଯାତ୍ରୀମାନେ ୫୫ କିଲୋମିଟର ଦୂର ରେଢାଖୋଲ, ନଚେତ ୪୫ କିଲୋମିଟର ଦୂର ଅନୁଗୋଳ ଷ୍ଟେଶନକୁ ଟ୍ରେନ୍ ଧରିବାକୁ ଯାଇ ଅଯଥା ଖର୍ଚ୍ଚାନ୍ତରେ ପଡୁଛନ୍ତି। ବଇଣ୍ଡା ଷ୍ଟେଶନରେ ସମସ୍ତ ଏକ୍ସପ୍ରେସ ଟ୍ରେନ୍ ରହଣି ପାଇଁ ସ୍ଥାନୀୟ ଗ୍ରାମବାସୀ ଗତ ମେ ୧୨ ତାରିଖରେ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ଏଯାଏ ପଦକ୍ଷେପ ନିଆଯାଇ ନାହିଁ। ତୁରନ୍ତ ଏଥିପ୍ରତି ରେଳବାଇ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**ଚିନ୍ତା ବଢ଼ିବା ସ୍ୱାଭାବିକ**



"କୋଭିଡ୍ ସଂକ୍ରମଣ ହ୍ରାସ ପାଇଥିବାରୁ ଏବେ ଆନ୍ତଃରାଜ୍ୟ ଟ୍ରେନ୍‌ଗୁଡ଼ିକ ଚଳାଚଳ କରୁଛି। ସେହି ଅନୁଯାୟୀ ଯାତ୍ରୀ ସଂଖ୍ୟା ମଧ ବଢୁଛି। କିନ୍ତୁ ବଇଣ୍ଡା ଷ୍ଟେଶନରେ ଅଧିକାଂଶ ଏକ୍ସପ୍ରେସ୍ ନ ରହିବା ଚିନ୍ତାଜନକ।

-ବିଚିତ୍ରା ନନ୍ଦ ସାହୁ, ଶିକ୍ଷାବିତ୍

**ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି**



"ବଇଣ୍ଡା ଷ୍ଟେଶନରେ ସମସ୍ତ ଟ୍ରେନ୍ ଅଟକିଲେ ଯାତ୍ରୀମାନଙ୍କ ସୁବିଧା ହୁଅନ୍ତା। ଏଥିପାଇଁ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ନ୍ତା ନାହିଁ। ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ବନ୍ଦ ଅଧିକ ଅସୁବିଧା କରୁଛି।

-ଗରକି ଦେଓ, ନାକିଚି

**ଦାବିପତ୍ର ଦିଆଯାଇଛି**



"ଏହି ଷ୍ଟେଶନରୁ କେନ୍ଦ୍ର ସରକାର ଯେତିକି ରାଜସ୍ୱ ପାଉଛନ୍ତି, ସେହି ଅନୁଯାୟୀ ବିକାଶ ହେଉନାହିଁ। ଏକ୍ସପ୍ରେସ୍ ରହଣି କରିବା ଓ ଉନ୍ନତୀକରଣ ପାଇଁ ପଦକ୍ଷେପ ନେବାକୁ ରେଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି।

-ସୁନୀଲ କୁମାର ପ୍ରଧାନ, କିଶୋରନଗର ବ୍ଲକ ଉପାଧକ୍ଷ

**ଉନ୍ନତୀକରଣ ହେଉନାହିଁ**



"ବଇଣ୍ଡା ଷ୍ଟେଶନ ସବୁକ୍ଷେତ୍ରରେ ଅବହେଳିତ। ଯାତ୍ରୀ ସେବାଠାରୁ ଆରମ୍ଭ କରି ଆଲୋକୀକରଣ, ପରିମଳ ଯାଏ କୌଣସି ଦିଗ ପ୍ରତି ଦୃଷ୍ଟି ଦିଆଯାଉ ନାହିଁ। କେବଳ ରାଜସ୍ୱ ଆଦାୟ ଚାଲିଛି।

-ମହେଶ ସାହା, ବଇଣ୍ଡା

**ଅବଗତ କରାଯିବ**



"ବଇଣ୍ଡା ରେଳ ଷ୍ଟେଶନରେ କିଭଳି ସମସ୍ତ ଏକ୍ସପ୍ରେସ୍ ଟ୍ରେନ ରହିବ, ସେ ନେଇ ରେଳମନ୍ତ୍ରୀଙ୍କୁ ଅବଗତ କରାଯିବ। ଏଥିସହ ଉନ୍ନତୀକରଣ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯିବ।

-ରମେଶ ଚନ୍ଦ୍ର ସାଏ, ବିଧାୟକ, ଆଠମଲ୍ଲିକ

## ଗ୍ରେଡ୍ ଅନୁଯାୟୀ ମିଳିବ ବୋନସ

ବଆଁରପାଳ,୬।୧୦(ଡି.ଏନ.ଏ.)

ନାଲ୍‌କୋର ସମସ୍ତ ଶ୍ରମିକଙ୍କୁ ବୋନସ ପାଇଁ କରାଯାଇଥିବା ଦାବିର ବୁଧବାର ସମାଧାନ ହୋଇଛି। ଗ୍ରେଡ୍ ଅନୁଯାୟୀ ଶ୍ରମିକମାନଙ୍କୁ ବୋନସ ମିଳିବ ବୋଲି ଭୁବନେଶ୍ୱରସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ସିଏମ୍‌ଡି ଶ୍ରୀଧର ପାତ୍ର, ମାନବ ସମ୍ବଳ ନିର୍ଦ୍ଦେଶକ ଆର୍.ଏସ୍. ମହାପାତ୍ର, ନିର୍ଦ୍ଦେଶକ ବିଜୟ ଦାସ, ଭବାନୀ ମହାନ୍ତି, ଅଧିକାରୀ ଆର୍.ସି. ଯୋଶୀ, ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିଅନ କାର୍ଯ୍ୟକାରୀ ସଭାପତି ବିଭୂତି ଶତପଥୀ, ନେପୁ କାର୍ଯ୍ୟକାରୀ ସଭାପତି ମାଙ୍ଗିଲାଲ ସାମଲ, ସ୍ୱରୂପ ଗଡ଼ନାୟକ, ଜଗନ୍ନାଥ ସେଠ, ନେସ୍ ସାଧାରଣ ସମ୍ପାଦକ ନିର୍ମଳ ସାମଲ, ଅଟଳ ବିହାରୀ ଷଡଙ୍ଗୀ, ଏନଏନଇୟୁ ସାଧାରଣ ସମ୍ପାଦକ ରତ୍ନାକର ପରିଡା, ବିଦ୍ୟୁତ୍ ମଜଦୁର ସଂଘ ସାଧାରଣ ସମ୍ପାଦକ ମନୋଜ ଅମାନ୍ତ, ଶ୍ରମିକ ନେତା ପ୍ରଦୀପ ଦାସ, ଆଲୋକ ଚୌଧୁରୀ, ବିମଳ ନାୟକ, ଉପେନ୍ଦ୍ର ପାତ୍ର, ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗୌପ୍ୟ ଜୟନ୍ତୀ ସମାରୋହ

ଛେଣ୍ଡିପଦା,୬।୧୦(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀ ଠାକୁରାଣୀଙ୍କ ସେବାସଂଘର ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଧରଣୀଧର ନାଥ, ବିଶ୍ୱରଞ୍ଜନ ପ୍ରଧାନ, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ବ୍ଲକ ଉପାଧକ୍ଷା ସୁଷମା ରାଉଳ, ବିଶ୍ୱନାଥ ବେହେରା ଓ ଗୋକୁଳା ନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ନାଲ୍‌କୋ ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ କ୍ଷତିଗ୍ରସ୍ତ ଆଇ.ଟି.ଆଇ (ଏଲ୍.ଏ.ପି) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବଆଁରପାଳ,୬।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍‌କୋ ସିପିପିରେ ଅର୍ଦ୍ଧକୁଶଳୀ ଠିକା କର୍ମଚାରୀ ଭାବେ କାର୍ଯ୍ୟରତ କ୍ଷତିଗ୍ରସ୍ତ ଆଇ.ଟି.ଆଇ (ଏଲ୍.ଏ.ପି) ପକ୍ଷରୁ ବୁଧବାର କମ୍ପାନୀ ପ୍ରଶାସନିକ କାର୍ଯ୍ୟାଳୟ ଠାରେ ବିକ୍ଷୋଭ କରାଯିବା ସହ ନାଲ୍‌କୋ ଅଧକ୍ଷଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ଜିଏମ୍ ସିପିପିଙ୍କୁ ପ୍ରଦାନ କରାଯାଇଛି। ୧୫ଦିନ ମଧରେ ଦାବି ପୂରଣ ନ ହେଲେ ପାଣି ଓ କୋଇଲା ବନ୍ଦ କରାଯିବ ବୋଲି ଏଥିରେ ଚେତାବନୀ ଦିଆଯାଇଛି। ଖାଲି ପଡିଥିବା ସ୍ଥାନଗୁଡିକରେ ଏଲ୍‌ଏପି (ଆଇଟିଆଇ) ସଭ୍ୟାସଭ୍ୟଙ୍କୁ ତୁରନ୍ତ ସ୍ଥାୟୀ ନିଯୁକ୍ତି ଦେବା, ସମାନ କାର୍ଯ୍ୟକୁ ସମାନ ଦରମା, ଅର୍ଦ୍ଧକୁଶଳୀଙ୍କୁ ତୁରନ୍ତ କୁଶଳୀ ଭାବେ ନିଯୁକ୍ତି, ପ୍ରବେଶପତ୍ରରେ ଏଲ୍‌ଏପି (ଆଇଟିଆଇ) ଭାବେ ଉଲ୍ଲେଖ କରାଯିବା ଆଦି ଦାବି କରାଯାଇଛି। ଏହି ବିକ୍ଷୋଭରେ ସଭାପତି ଦିବ୍ୟ ରଞ୍ଜନ ଦାସ, ସମ୍ପାଦକ ଶଶାଙ୍କ ଶେଖର ସାମଲ, ସିପିପି କାରଖାନାରେ କାର୍ଯ୍ୟରତ ୮୫ଜଣ ସଭ୍ୟାସଭ୍ୟା ସାମିଲ ହୋଇଥିଲେ।

## ଷ୍ଟେଶନ ମାଷ୍ଟରଙ୍କୁ ଦାବିପତ୍ର

ଅନୁଗୋଳ ଅଫିସ, ୬।୧୦

ଦୀର୍ଘଦିନ ହେଲା ଅନୁଗୋଳ-ପୁରୀ ମେମୁ ଟ୍ରେନ୍ ଅନୁଗୋଳ ଷ୍ଟେଶନ ବଦଳରେ ତାଳଚେର-ପୁରୀ ମଧରେ ଚଳାଚଳ କରୁଛି। ତେଣୁ ଏହି ଟ୍ରେନ୍‌କୁ ଅନୁଗୋଳ ଠାରୁ ଚଳାଚଳ କରାଇବା ସହିତ ରେଢ଼ାଖୋଲ ପର୍ଯ୍ୟନ୍ତ ସମ୍ପ୍ରସାରଣ, ସମ୍ବଲପୁର-ପୁରୀ ଇଣ୍ଟରସିଟି ଚଳାଚଳ, ପାସେଞ୍ଜର୍‌ରେ ସ୍ପେଶାଲ ଟ୍ରେନ୍ ଭଡା ବଦଳରେ ସ୍ୱାଭାବିକ ଭଡା ଆଦାୟ ଦାବିରେ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଷ୍ଟେଶନ ମାଷ୍ଟରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ରପ୍ରସାଦ ପଟ୍ଟନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

## ଦୁର୍ଘଟଣାରେ ୪ ଗୁରୁତର

ଛେଣ୍ଡିପଦା,୬।୧୦(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପୁରୁଣା ପୋଷ୍ଟ ଅଫିସ ଛକ ନିକଟରେ ବୁଧବାର ପ୍ରାତଃ ଭ୍ରମଣ ବେଳେ ଏକ ଗାଡ଼ି ଧକ୍କାରେ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦଣ୍ଡଧର ଦେହୁରୀ, କୈଳାସ ମହାପାତ୍ର, କନ୍ଦର୍ପ ବେହେରା ଓ ପ୍ରଫୁଲ୍ଲ ସେଠୀ। ସ୍ଥାନୀୟ ଲୋକମାନେ ଗୁରୁତରମାନଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଖବରପାଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଜିଲାର ୫ ଥାନା ଅଧିକାରୀଙ୍କ ବଦଳି

ଅନୁଗୋଳ ଅଫିସ, ୬।୧୦

ଅନୁଗୋଳ ଜିଲାର ୫ ଥାନା ଅଧିକାରୀଙ୍କ ବଦଳି ହୋଇଛି। ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇଙ୍କୁ ତାଳଚେର, ତାଳଚେର ଥାନା ଅଧିକାରୀ ସତ୍ୟବ୍ରତ ରାଉତଙ୍କୁ ଅନୁଗୋଳ, କଣିହାଁ ଥାନାର ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କୁ କୋଲିୟରୀ, ପାଲଲହଡ଼ାର କିଶୋର କୁମାର ସାମଲଙ୍କୁ କଣିହାଁ, ଜିଲା ପୋଲିସ ମୁଖ୍ୟାଳୟରେ ଥିବା ପି. ଟୁଡୁଙ୍କୁ ପାଲଲହଡ଼ା ଥାନାକୁ ବଦଳି କରାଯାଇଛି।

## ବିଦ୍ୟାଳୟ ରୂପାନ୍ତରୀକରଣ ସମୀକ୍ଷା

ବଇଣ୍ଡା,୬।୧୦(ଡି.ଏନ.ଏ.)

ଆଠମଲ୍ଲିକ ଉପଖଣ୍ଡର କିଶୋରନଗର ଓ ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ଚାଲିଥିବା ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ସମ୍ପର୍କରେ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ସମୀକ୍ଷା କରିଛନ୍ତି। ଆଠମଲ୍ଲିକ ବ୍ଲକର ୯ଟି ବିଦ୍ୟାଳୟକୁ ୫-ଟି ପକ୍ଷରୁ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ତେଣୁ ଏସବୁ କାର୍ଯ୍ୟ କିପରି ଚାଲିଛି ସେ ସମ୍ପର୍କରେ ସଚିବ ଆଠମଲ୍ଲିକ ବ୍ଲକ ସଭାଗୃହ ପରିସରରେ ଉପସ୍ଥିତ ୬ଟି ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ସେହିପରି କିଶୋରନଗର ବ୍ଲକର ୧୩ ସ୍କୁଲକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବାରୁ ଶ୍ରେଣୀଗୃହ ନିର୍ମାଣ ସମ୍ପର୍କରେ ସଚିବ ବ୍ଲକ ସଭାଗୃହରେ ଉପସ୍ଥିତ ୬ଟି ହାଇସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହ କଥା ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କିଶୋରନଗର ବିଡିଓ ଶ୍ୟାମଳ କୁମାର ରାଏ, ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁଙ୍କ ସମେତ ଶିକ୍ଷା ବିଭାଗର ପଦାଧିକାରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ।



ଭିଡିଓ କନଫରେନ୍ସ ଯୋଗେ ୫-ଟି ସଚିବ ସମୀକ୍ଷା କରୁଛନ୍ତି।

## ବର୍ଣ୍ଣାଳୀର ସାରସ୍ୱତ ସମ୍ମିଳନୀ

ତାଳଚେର,୬।୧୦(ନି.ପ୍ର.)

ସାହିତ୍ୟ ଅନୁଷ୍ଠାନ ବର୍ଣ୍ଣାଳୀ ସାହିତ୍ୟ ସଂସଦର ସାରସ୍ୱତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କବି ଗୋଲାପ ନନ୍ଦ ବନ୍ଦନା ଗାନ କରିଥିବାବେଳେ ଉପଦେଷ୍ଟା କଳ୍ପନା ବୋଇତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କବି ଅରୁଣ ଗଡ଼ନାୟକ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି କବି ଜିତେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସାଧାରଣ ସମ୍ପାଦିକା ରତ୍ନପ୍ରଭା ବାଇ ସୂଚନା ପ୍ରଦାନ କରିଥିଲେ। ସଭାପତି ଯଦୁମଣି ସାହୁ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ନବୋଦୟ ବିଦ୍ୟାଳୟ ଶିକ୍ଷକ ସଙ୍ଗୀତକାର ରାଜେନ୍ଦ୍ର ବେହେରା, ବରିଷ୍ଠ କବି ମାଗୁଣି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ୨ୟ ପର୍ଯ୍ୟାୟରେ କଳାକାର କରୁଣାକର ବାଇ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି, କଳାକାର ଉପସ୍ଥିତ ଥିଲେ।

## ଟ୍ରେନିଂ ସେଣ୍ଟରରେ ବିଜ୍ଞାନ ପ୍ରଦର୍ଶନୀ



ଅତିଥିମାନଙ୍କୁ ଛାତ୍ରୀମାନେ ସ୍ୱାଗତ କରୁଛନ୍ତି।

ବଆଁରପାଳ,୬।୧୦(ଡି.ଏନ.ଏ.)

ଅନୁଗୋଳସ୍ଥିତ ନାଲ୍‌କୋ ଓ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ନାଲ୍‌କୋ ଟ୍ରେନିଂ ସେଣ୍ଟରଠାରେ ଏକ ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଇଡି ଅମ୍ବିକା ପ୍ରସାଦ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଡ. ଅମିତାଭ ମହାନ୍ତି ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ରକେଟ୍ ଓ ଉପଗ୍ରହ ପ୍ରଦର୍ଶନ ସହ ବିଜ୍ଞାନ ପ୍ରଦର୍ଶନୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଅକ୍ଷୟ ମହାନ୍ତି, ବିନକୃଷ୍ଣ ଜେନା, ଜ୍ଞାନରଞ୍ଜନ ରଣା, ମଧୁସୂଦନ ନାଥ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଡିଜିଏମ୍ ଶୁଭେନ୍ଦୁ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ବହୁ ବିଜ୍ଞାନ ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୬।୧୦

ବନ୍ତଳା ଥାନା ତଳଗଡ଼ ଗ୍ରାମରେ ପାଣିରେ ବୁଡ଼ି ସୁଧାକର ପ୍ରଧାନ(୭୦)ଙ୍କ ମୃତ୍ୟୁ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି। ସୁଧାକର ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ି ଯାଉଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନୁଗୋଳ ପୋଲିସ ମୃତଦେହ ଜବତ କରିଛି।

## କଳହରୁ ମହିଳାଙ୍କ ଆତ୍ମହତ୍ୟା

ଅନୁଗୋଳ ଅଫିସ, ୬।୧୦

ପୁରୁଣାକୋଟ ଥାନା ହିଙ୍ଗାତୁଲି ଗ୍ରାମରେ ପାରିବାରିକ କଳହରୁ କାଳିଦାସ ପ୍ରଧାନଙ୍କ ସ୍ତ୍ରୀ ମୃଷାପାପୁଲି ଅଞ୍ଚଳର ରଞ୍ଜିତା ପ୍ରଧାନ(୩୬) ବିଷପାନ କରି ଆତ୍ମହତ୍ୟା କରିଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରୁ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ହେଲେ ରଞ୍ଜିତାଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏ ନେଇ ସଦର ଥାନା କି ପୁରୁଣାକୋଟ ଥାନାରେ ଅଭିଯୋଗ ନାହିଁ।

## ଜୁଆ ଆଡ୍ଡାରୁ ୬ ଗିରଫ

ଛେଣ୍ଡିପଦା,୬।୧୦(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ବରସାହି ପଞ୍ଚାୟତ ଗୋଦରାସାହି ନିକଟ ଆମ୍ବତୋଟାରେ ଚଳିଥିବା ଏକ ଜୁଆ ଆଡ୍ଡା ଉପରେ ବୁଧବାର ପୋଲିସ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି। ଏଥିସହିତ ୯ଟି ମୋଟର ସାଇକେଲ, ୮ ହଜାର ୩ଶହ ଟଙ୍କା ଜବତ କରାଯାଇଛି। ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାଶ ଏହି ଚଢାଉ କରିଥିଲେ। ଏ ନେଇ ଛେଣ୍ଡିପଦା ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି।

## ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ ପାଇଁ ଆହ୍ୱାନ

ପାଲଲହଡ଼ା,୬।୧୦(ଡି.ଏନ.ଏ.)

ପାଲଲହଡ଼ାସ୍ଥିତ ଆମ ପ୍ରତିଭା ଆମ ଗୌରବର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସ୍ଥାୟୀ ସଭାପତି ଉପଜିଲାପାଳ ଅଜିତ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଲୁକ୍କାୟିତ ପ୍ରତିଭାଙ୍କୁ ଅନ୍ୱେଷଣ କରି ସମ୍ମାନିତ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ଅଧକ୍ଷ ଡ. ଅନିଲ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଇନ୍ଦ୍ରମଣି ଗଡ଼ନାୟକ, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଲିଙ୍ଗରାଜ ଦାସ ଯୋଗଦେଇଥିଲେ। ଚଳିତବର୍ଷ ମାଟ୍ରିକ ଓ +୨ରେ ସର୍ବାଧିକ ନମ୍ବର ରଖିଥିବା ଉପଖଣ୍ଡର ଛାତ୍ରୀଛାତ୍ର, ଚାଷୀ ଓ ଅବସରପ୍ରାପ୍ତ ଶିକ୍ଷକ ଭାଗୀରଥି ଜିତଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଟଙ୍କଧର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ପୁରୁଣା ଟିକସ ଲାଗୁ କର

ତାଳଚେର,୬।୧୦(ନି.ପ୍ର.)

ତାଳଚେର ପୌରାଞ୍ଚଳରେ ବର୍ଦ୍ଧିତ ଟିକସ ବ୍ୟବସ୍ଥାକୁ ସ୍ଥଗିତ ରଖି ପୁରୁଣା ଟିକସ କାର୍ଯ୍ୟକାରୀ କରିବା ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ତୁରନ୍ତ ପାଳନ କରିବାକୁ ତାଳଚେର ଭାଜପା ପୌର ମଣ୍ଡଳ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏଥିସହ ଏ ସଂକ୍ରାନ୍ତ ହାଇକୋର୍ଟଙ୍କ ନିର୍ଦ୍ଦେଶନାମାର ନକଲ ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଭାଜପା ପକ୍ଷରୁ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମଣ୍ଡଳ ପକ୍ଷରୁ କୁହାଯାଇଛି ଯେ, ବର୍ଦ୍ଧିତ ଟିକସ ବ୍ୟବସ୍ଥା ବିରୋଧରେ ଗତ ଏପ୍ରିଲ ୧ ତାରିଖରେ ଭାଜପା ପୌର ମଣ୍ଡଳ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। କରୋନା ସମୟରେ ସହରବାସୀଙ୍କ ଉପରେ ନୂଆ ବର୍ଦ୍ଧିତ ଟିକସ ବସାଯିବା ଅନ୍ୟାୟୋଚିତ ବୋଲି ଏଥିରେ ଦର୍ଶାଯାଇଥିଲା। ସମସ୍ତ ତଥ୍ୟକୁ ଭିତ୍ତିକରି ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଥିବା ଭାଜପା ପୌର ମଣ୍ଡଳ ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ରବି ନାରାୟଣ ପାଣି, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଜିଲା ଯୁବମୋର୍ଚ୍ଚା ପ୍ରଭାରୀ ଯଯାତୀ ପଟ୍ଟନାୟକ, ନଗର ସଭାପତି ଯଶୋବନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ତାଳଚେର ଭାଜପା ପୌର ମଣ୍ଡଳ କର୍ମକର୍ତ୍ତାମାନେ।

## ୪ କରୋନା ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୬।୧୦

ଅନୁଗୋଳ ଜିଲାରୁ ବୁଧବାର ୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧରେ ଅନୁଗୋଳ ପୌରାଞ୍ଚଳରୁ ୨ ଜଣ, ବଆଁରପାଳ ବ୍ଲକରୁ ଜଣେ ଓ ତାଳଚେର ପୌରାଞ୍ଚଳରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୫ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

